# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**3 July - 2024**

**News Editor : Itishree Singh Rathaur**

********************************

## ମୁଖ୍ୟ ସମ୍ବାଦ

- ଭାରତୀୟ ସମ୍ବିଧାନ ସରକାରଙ୍କ ମାର୍ଗଦର୍ଶନ କରିବାର ଏକ ବତୀଘର କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

— ରାଜ୍ୟସଭାକୁ ମୁଲତବୀ ଘୋଷଣା କଲେ ଉପରାଷ୍ଟ୍ରପତି ତଥା ଅଧ୍ୟକ୍ଷ ଜଗଦୀପ ଧନଖଡ

- ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଝାଡଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତ

- ପୁରୀ ଶ୍ରୀମନ୍ଦିରରେ ଦ୍ୱାଦଶୀ ତିଥିରେ ରାଜପ୍ରସାଦ ବିଜେ ନୀତି ଅନୁଷ୍ଠିତ

ଏବଂ

- ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ସମ୍ଭାବନା;

— ଘଡ଼ଘଡି ସହ ବର୍ଷା ହେବା ନେଇ ୬ଟି ଜିଲ୍ଲାକୁ ସତର୍କ ସୂଚନା

## ପାର୍ଲାମେଣ୍ଟ

ରାଜ୍ୟସଭାର ଅଧିବେଶନକୁ ଉପରାଷ୍ଟ୍ରପତି ତଥା ଗୃହର ଅଧ୍ୟକ୍ଷ ଜଗଦୀପ ଧନଖଡ ଆଜି ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣର ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ପରେ ଅଧ୍ୟକ୍ଷ ଶ୍ରୀ ଧନଖଡ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତୀୟ ସମ୍ବିଧାନ ହେଉଛି ସରକାରଙ୍କୁ ମାର୍ଗଦର୍ଶନ କରିବାର ଏକ ବତୀଘର। ସମ୍ବିଧାନ କେବଳ କିଛି ଧାରାର ସଂକଳନ ନୁହେଁ; ବରଂ ଏହାର ଆଭିମୁଖ୍ୟ ଏବଂ ସେଥିରେ ଉଲ୍ଲିଖିତ ଶବ୍ଦ ସରକାରଙ୍କ ପାଇଁ ଅତ୍ୟନ୍ତ ମୂଲ୍ୟବାନ। ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ଅବଦାନକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ସମ୍ବିଧାନ ଏବେ ୭୫ ବର୍ଷରେ ପଦାର୍ପଣ କରୁଛି। ଏନ୍‌ଡିଏ ସରକାରଙ୍କ ତୃତୀୟ ପାଳିରେ ଦାରିଦ୍ର୍ୟ ଦୂରୀକରଣ ଦିଗରେ ବହୁ କଲ୍ୟାଣମୂଳକ ପଦକ୍ଷେପ ନିଆଯାଉଛି। ଭାରତକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ କରିବା ସକାଶେ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

## ଲୋକସଭା ଅଧିବେଶନ

ସୂଚନା ଅନୁସାରେ, ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଗତକାଲି ଶେଷ ହୋଇଥିଲା। ସଂସଦର ମିଳିତ ଅଧିବେଶନରେ

ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ପାରିତ ହେବା ପରେ ଗୃହକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ବାଚସ୍ପତି ଓମ୍ ବିର୍ଲା ମୁଲତବୀ ରଖିଥିଲେ। ଚଳିତ ଅଧିବେଶନରେ ୩୪ ଘଣ୍ଟା ଧରି ୭ଟି ବୈଠକ ଚାଲିଥିଲା । ପ୍ରଥମ ଦୁଇଦିନରେ ୫୩୯ ଜଣ ସଦସ୍ୟ ଶପଥ ଗ୍ରହଣ କରିଥିଲେ । ସୂଚନା ଅନୁସାରେ, ଗତ ଜୁନ୍ ମାସ ୨୬ ତାରିଖରେ ବାଚସ୍ପତି ନିର୍ବାଚନ ହୋଇଥିଲା ଏବଂ ୨୭ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ମିଳିତ ଅଧିବେଶନରେ ଅଭିଭାଷଣ ପ୍ରଦାନ କରିଥିଲେ ।

## ବିଚାରପତି ନିଯୁକ୍ତ

ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଝାଡଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପାଇଛନ୍ତି। ରାଷ୍ଟ୍ରପତି ଭବନରୁ ଏ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ସୁପ୍ରିମକୋର୍ଟଙ୍କ କଲେଜିୟମ୍ ଗତବର୍ଷ ଡିସେମ୍ବର ୨୭ ତାରିଖରେ ଜଷ୍ଟିସ ଷଡଙ୍ଗୀଙ୍କ ନାମ ସୁପାରିସ୍ କରିଥିଲେ।

ଜଷ୍ଟିସ ଷଡଙ୍ଗୀ ୧୯୮୫ ମସିହାରେ ଆଇନ୍‌ଜୀବୀ ଭାବେ ତାଙ୍କର କର୍ମମୟ ଜୀବନ ଆରମ୍ଭ କରିଥିଲେ। ସେ ୨୦୧୩ ମସିହା ଜୁନ୍ ମାସ ୨୦ ତାରିଖରେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବରେ ନିଯୁକ୍ତି ପାଇଥିଲେ।

## ମୋ ବସ୍- କୃଷ୍ଣଚନ୍ଦ୍ର ମହାପାତ୍ର

ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ମୋ ବସ୍‌ରେ ଯାତ୍ରା କରି ଯାତ୍ରୀମାନଙ୍କ ସହିତ ଆଲୋଚନା କରିଛନ୍ତି। ଏହାପରେ ସେ କହିଛନ୍ତି, ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୋ' ବସ୍ ସଂଖ୍ୟା ବୃଦ୍ଧି କରାଯିବ। ପ୍ରଧାନମନ୍ତ୍ରୀ ଇ-ବସ୍‌ସେବା ଯୋଜନାରେ ୪୦୦ଟି ଇ-ବସ୍ କିଣାଯିବ। ବର୍ତ୍ତମାନ ୬୩ଟି ଇ-ବସ୍ ଚଳାଚଳ କରୁଛି। ଆଗାମୀ ଦିନରେ କଟକ-ଭୁବନେଶ୍ୱର ଓ ରାଉରକେଲା ସହର ପାଇଁ ୧୦୦ ଲେଖାଏଁ ଏବଂ ସମ୍ବଲପୁର ଓ ବ୍ରହ୍ମପୁର ସହର ପାଇଁ ୫୦ଟି ଇ-ବସ୍ କ୍ରୟ କରାଯିବ।

## 'ଏକ୍ ପେଡ୍ ମା' କେ ନାମ୍'

ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା ଆଜି ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଶିଶୁ ପ୍ରତିଷ୍ଠାନରେ 'ଏକ୍ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହାସହ ସେ ପ୍ରତିଷ୍ଠାନ ପରିସରରେ ବ୍ୟାଡ୍‌ମିଣ୍ଟନ ଓ ଭଲିବଲ୍ କୋଟ୍ ତଥା ଯୋଗକେନ୍ଦ୍ର ଉଦ୍‌ଘାଟନ କରିଥିଲେ।

## ରାଜପ୍ରସାଦ ବିଜେ

ପୁରୀ ଶ୍ରୀମନ୍ଦିରରେ ଆଜି ଦ୍ୱାଦଶୀ ତିଥିରେ ରାଜପ୍ରସାଦ ବିଜେ ନୀତି ଅନୁଷ୍ଠିତ ହୋଇଯାଇଛି। ଦଇତାପତି ସେବାୟତମାନେ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କର ପ୍ରସାଦ ଶ୍ରୀନଅରକୁ ବିଜେ କରାଇବା ସହିତ ମହାପ୍ରଭୁ ସୁସ୍ଥ ହୋଇଥିବା ଖବର ଗଜପତି ମହରାଜଙ୍କୁ ଅବଗତ କରାଇଛନ୍ତି। ସକାଳ ଧୂପ ସରିବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ବେହେରଣ ଦ୍ୱାର

ଫିଟାଯାଇଥିବାବେଳେ ଶ୍ରୀମନ୍ଦିରରୁ ଶ୍ରୀନଅରକୁ ଦଇତାପତି ସେବାୟତମାନେ ରାଜପ୍ରସାଦ ବିଜେ କରାଇଥିଲେ।

ଏକାଦଶୀ ତିଥିରେ ଗତକାଲି ମହାପ୍ରଭୁଙ୍କୁ ଖଳିଲାଗି ଓ ରକ୍ତବସ୍ତ୍ର ଲାଗି ସମେତ ଶ୍ରୀଜୀଉଙ୍କୁ ଶ୍ରୀବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳ ଔଷଧ ଲାଗି କରାଯାଇଥିଲା। ମହାପ୍ରଭୁ ଆରୋଗ୍ୟଲାଭ କରିଥିବାବେଳେ ଏହି ଖବର ଆଜି ଗଜପତି ମହାରାଜାଙ୍କୁ ଜଣାଇବା ନିମନ୍ତେ ଦଇତାପତି ଓ ବିଦ୍ୟାପତି ସେବାୟତମାନେ ଶ୍ରୀଜୀଉଙ୍କ ପ୍ରସାଦ ରୂପେ କରାଳ, ଚନ୍ଦନ, ପାଟବସ୍ତ୍ରକୁ ନେଇ ଶ୍ରୀମନ୍ଦିରରୁ ଶ୍ରୀନଅରକୁ ବିଜେ କରିଥିଲେ। ତେବେ ଅଣସର ଘରେ ଗୁପ୍ତ ସେବା ପରେ ମହାପ୍ରଭୁ ସୁସ୍ଥ ହୋଇଛନ୍ତି।

# ସିପିଇଟି

ରାଜ୍ୟରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ ଆଜିଠାରୁ ଏକକ ପି.ଜି. ପ୍ରବେଶିକା ପରୀକ୍ଷା-ସିପିଇଟି ଆରମ୍ଭ ହୋଇଛି । ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଦିନକୁ ୩ଟି ସିଟିଙ୍ଗ୍‌ରେ ଏହି ପରୀକ୍ଷା ହେବ । ଚଳିତବର୍ଷ ୬୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଦେବାକୁ ଆବେଦନ କରିଛନ୍ତି । ରାଜ୍ୟର ୧୨୨ଟି ଶିକ୍ଷାନୁଷ୍ଠାନରେ ୨୮ ହଜାର ୯୦୬ ଟି ସିଟ୍‌ରେ ନାମଲେଖା ପାଇଁ ପି.ଜି. ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେଉଛି ।

## ଇଗ୍ନୋ-ନାମଲେଖା

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ-ଇଗ୍ନୋର ନାମଲେଖା ଅବଧି ଆସନ୍ତା ୧୫ ତାରିଖକୁ ବୃଦ୍ଧି କରାଯାଇଛି । କଳା, ବିଜ୍ଞାନ, ବାଣିଜ୍ୟର ସ୍ନାତକ ବିଭାଗରେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଅନସୂଚିତ ଜାତି ଓ ଜନଜାତି ବିଦ୍ୟାର୍ଥୀଙ୍କ ପାଇଁ ନାମଲେଖା ଦେୟ ଓ ପୁନଃ ନାମଲେଖା ଦେୟ ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି। ତେବେ ଯେଉଁ ଛାତ୍ରଛାତ୍ରୀ ଅନ୍ୟ କୌଣସି ରିହାତିର ସୁବିଧା ପାଉଥିବେ ସେମାନଙ୍କ ପାଇଁ ଇଗ୍ନୋର ରିହାତି ଉପଲବ୍ଧ ହୋଇପାରିବ ନାହିଁ। ଇଚ୍ଛୁକ ଛାତ୍ରଛାତ୍ରୀ ଇଗ୍ନୋ ୱେବ୍‌ସାଇଟ୍‌ରୁ ସବିଶେଷ ତଥ୍ୟ ପାଇପାରିବେ।

## କେନ୍ଦ୍ରୀୟ ଟିମ୍

କୋରାପୁଟ ଜିଲ୍ଲା ସୀମାନ୍ତ ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକ ଅଞ୍ଚଳରେ ୮ ଜଣ ଶିଶୁଙ୍କ ମୃତ୍ୟୁ ଘଟଣାର ଅନୁଧ୍ୟାନ ପାଇଁ ୩ ଜଣିଆ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଦଳ ଆଜି ନାରାୟଣପାଟଣା ବ୍ଲକ ଅଞ୍ଚଳ ପରିଦର୍ଶନ କରିଛନ୍ତି। ତାଙ୍କ ସହ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଏହି ଦଳ ଜିଲ୍ଲା ପ୍ରଶାସନ ସହିତ ଘଟଣାର ସ୍ଥିତି ନେଇ ଆଲୋଚନା କରିଛନ୍ତି।

ସୂଚନା ଅନୁସାରେ, ଗତକାଲି ଡାକ୍ତର ଆରୁଷୀ ଘାଇଙ୍କ ନେତୃତ୍ୱରେ ଏହି ଦଳ ପ୍ରଥମେ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ପରିଦର୍ଶନ କରିଥିଲେ। ଏହି ଦଳ ଶିଶୁ ୱାର୍ଡ ବୁଲି ସମସ୍ତ ବ୍ୟବସ୍ଥାର ତଦାରଖ

କରିଥିଲେ। ଏହା ସହ ହସ୍‌ପିଟାଲରେ ଡାକ୍ତରମାନଙ୍କ ସହ ଶିଶୁ ମୃତ୍ୟୁ ନେଇ ଆଲୋଚନା କରିଥିଲେ।

## ପରଲୋକ

**ମାଲକାନଗିରି**ର ପୂର୍ବତନ ବିଧାୟକ ଆଦିତ୍ୟ ମାଢ଼ୀଙ୍କ ଆଜି ଭୁବନେଶ୍ୱରସ୍ଥିତ ଏମ୍‌ସ୍‌ରେ ପରଲୋକ ହୋଇଯାଇଛି। ତାଙ୍କୁ ୪୯ ବର୍ଷ ବୟସ ହୋଇଥିଲା। ଦୀର୍ଘଦିନ ଧରି ସେ କିଡ୍‌ନୀଜନିତ ରୋଗରେ ପୀଡିତ ଥିବାରୁ ତାଙ୍କର କିଡ୍‌ନୀ ପ୍ରତ୍ୟାରୋପଣ କରାଯାଇଥିଲା। ସେ ୨୦୧୯ରୁ ୨୦୨୪ ଯାଏଁ ବିଜେପିର ବିଧାୟକ ଥିଲେ।

## ଦୁର୍ଘଟଣା

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ୧୬ ନମ୍ବର ଜାତୀୟ ରାଜପଥ ଗୋପାଳପୁର ଓଭରବ୍ରିଜ୍ ନିକଟରେ ସଡକ ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଜଣେ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି।

# ୧୧୨ ନମ୍ବର

ଓଡ଼ିଶା ପୋଲିସ୍ ସିଟିଜେନ୍ ପୋର୍ଟାଲ୍‌ର ଏମର୍ଜେନ୍ସୀ ରେସପନ୍ସ ସପୋର୍ଟ ସିଷ୍ଟମ୍ ରେ ୧୧୨ କୁ ସ୍ଥାନୀତ କରାଯାଇଛି । ପୂର୍ବରୁ ପୋଲିସ୍ ସେବା ପାଇଁ ରହିଥିବା ଜରୁରୀକାଳୀନ ନମ୍ବର ୧୦୦, ଅଗ୍ନିଶମ ଲାଗି ୧୦୧, ଆମ୍ବୁଲାନ୍ସ ନିମନ୍ତେ ୧୦୨ ଓ ୧୦୮ ବଦଳରେ ୧୧୨ ନମ୍ବରକୁ

ରଖାଯାଇଛି । ଏହାପରେ ପୋଲିସ୍ କଣ୍ଟ୍ରୋଲ୍ ରୁମ୍, ଅଗ୍ନିଶମ, ଆମ୍ବୁଲାନ୍ସ, ମହିଳା ହେଲ୍ପ୍ ଲାଇନ୍, ଚାଇଲ୍ଡ ହେଲ୍ପ୍ ଲାଇ୍ ଆଦି ପାଇଁ କେବଳ ୧୧୨ ନମ୍ବର ବ୍ୟବହାର ହେବ ।

## ପୁସ୍ତିକା ପ୍ରକାଶନ

ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମରେ ଇଂରାଜୀ ଓ ଗଣିତ ବିଷୟର ଗୁରୁତ୍ୱକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲ୍ଲା ଶିକ୍ଷାବିଭାଗ ପକ୍ଷରୁ ଏକ ନୂତନ ଶିକ୍ଷଣ ପୁସ୍ତିକା ପ୍ରକାଶନ କରାଯାଇଛି। ଜିଲ୍ଲପାଳ ଡ. କମଳ ଲୋଚନ ମିଶ୍ର ଏହି ପୁସ୍ତିକାକୁ ଲୋକାର୍ପଣ କରିଛନ୍ତି। ଏହି ପୁସ୍ତିକା ଆସନ୍ତାକାଲିଠାରୁ ୩୦ ଦିନ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ଶିକ୍ଷକମାନେ ବ୍ୟବହାର କରିବେ। ଜିଲ୍ଲାରେ ଛାତ୍ରଛାତ୍ରୀମାନଙ୍କ ଗଣିତ ଓ ଇଂରାଜୀରେ ଦକ୍ଷତା ବୃଦ୍ଧିରେ ଏହି ଶିକ୍ଷଣ ପୁସ୍ତିକା ବେଶ ସହାୟକ ହେବ ବୋଲି ଜିଲ୍ଲପାଳ  କରିଛନ୍ତି।

## ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଆସନ୍ତା ୮ ତାରିଖ ବେଳକୁ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ । ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଅନୁମାନ କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡଘଡି ସହ ବର୍ଷା ହେବା

ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୁଳ ଓ କେନ୍ଦୁଝର ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*********************************